# ବିଶ୍ୱ ନୃତ୍ୟ ଦିବସ

## କଳାବିକାଶ କେନ୍ଦ୍ର






କଟକ, ୨୯।୪(ମ.ପ୍ର): ଓଡ଼ିଶା ନୃତ୍ୟକଳାର ଶ୍ରେଷ୍ଠଭୂମି; ଶିଳ୍ପୀର ବିକାଶ ଓ ଉନ୍ନତିରେ ନୃତ୍ୟ ସହାୟକ ହୋଇଥାଏ ଏବଂ ଦର୍ଶକ ମାନସିକ ପ୍ରଶାନ୍ତି ଲାଭ କରେ ବୋଲି କଳାବିକାଶ କେନ୍ଦ୍ରରେ ଆୟୋଜିତ ବିଶ୍ୱ ନୃତ୍ୟ ଦିବସ ଅବସରରେ ମତ ପ୍ରକାଶ ପାଇଛି । କଳାବିକାଶ କେନ୍ଦ୍ର ଦ୍ୱାରା ଆୟୋଜିତ ଏହି ଉତ୍ସବକୁ 'ସମାଜ' ସମ୍ପାଦକ ଡ.ପ୍ରମୋଦ କୁମାର ମହାପାତ୍ର ଉଦ୍‌ଘାଟନ କରି ନୃତ୍ୟ ଓ ସଙ୍ଗୀତ ମାନବ ଜୀବନକୁ ସୌନ୍ଦର୍ଯ୍ୟମୟ କରିଥାଏ ବୋଲି କହିଥିଲେ । କେନ୍ଦ୍ରର ସଭାପତି ଡ. ବିଜୟାନନ୍ଦ ସିଂହ ପୌରୋହିତ୍ୟ କରି ନୃତ୍ୟ ଓଡ଼ିଶାର ପରିଚୟ ବୋଲି କହିଥିଲେ । ସାଧାରଣ ସମ୍ପାଦକ ପ୍ରସେନ୍‌ଜିତ୍ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ କାର୍ଯ୍ୟକାରୀ ସଭାପତି ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ନୃତ୍ୟ ଦିବସର ପ୍ରାସଙ୍ଗିକତା ବୁଝାଇଥିଲେ । ଯୁଗ୍ମ ସମ୍ପାଦିକା ସୁଦୀପ୍ତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଉପସଭାପତି ରାଧାମୋହନ ସାହୁ, ଗୌର ପଟ୍ଟନାୟକ, ଡ.ସ୍ନେହଲତା ମିଶ୍ର, ପ୍ରଶାସନିକ ଅଧିକାରୀ ରବୀନ୍ଦ୍ରନାଥ ଜଟ ଓ ଲକ୍ଷ୍ମଣ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଗୁରୁ ଲକିପ୍ରଜ୍ଞା ପ୍ରତିଷ୍ଠିତ ମହାନ୍ତି ଓ ମଲ୍ଲିକା ମିତ୍ରଙ୍କ ନିର୍ଦ୍ଦେଶନାରେ କେନ୍ଦ୍ରର କଳାକାରମାନେ ଓଡ଼ିଶୀ, ସମ୍ବଲପୁରୀ ଓ ଲୋକ ନୃତ୍ୟ ପ୍ରଦର୍ଶନ କରିଥିଲେ ।

## 'ଗୁଞ୍ଜନ'

କଟକ, ୨୯।୪(ମ.ପ୍ର): ମହତାବରୋଡ୍ ସ୍ଥିତ 'ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ'ର ମୁକ୍ତାକାଶ ରଙ୍ଗମଞ୍ଚରେ ବିଶ୍ୱ ନୃତ୍ୟ ଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଓଡ଼ିଶୀ ନୃତ୍ୟ ସାଧିକା ତଥା ଗୁରୁ ଦୁର୍ଗାଚରଣ ରଣବୀରଙ୍କ ମୂଳଶିଷ୍ୟା ରାଜଶ୍ରୀ ଚିନ୍ତକ ବେହେରା ଯୋଗଦେଇଥିଲେ । ଶ୍ରୀମତୀ ବେହେରା ନୃତ୍ୟ ପରିବେଷଣ ସାଙ୍ଗକୁ ଓଡ଼ିଶୀନୃତ୍ୟରେ ଥିବା ଆପଣା ଅଭିଜ୍ଞତାକୁ ନେଇ ଦର୍ଶକ ଓ ଶିଳ୍ପୀମାନଙ୍କ ସହ ଅନ୍ତରାଳାପ କରିଥିଲେ । ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ଓଟିଡିସି ଅଧ୍ୟକ୍ଷ ଲେନିନ ମହାନ୍ତି ଓ ସଙ୍ଗୀତଗୁରୁ ପଣ୍ଡିତ ଏ.ମହେଶ୍ୱର ରାଓ ଅତିଥି ଭାବେ ଯୋଗ ଦେଇଥିଲେ । ଗୁଞ୍ଜନ୍ ଅଧ୍ୟକ୍ଷା ଗାୟତ୍ରୀ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ନୃତ୍ୟ ଦିବସ ସମ୍ପର୍କରେ ସମ୍ପାଦିକା ଗୁରୁ ମୀରା ଦାସ ଆଲୋଚନା କରିଥିଲେ । ଉପସଭାପତି ଶିବାଙ୍ଗୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶିଳ୍ପୀ ସୁଶ୍ରୀ ବିଦ୍ୟା ବିଶ୍ୱଜିତା ଏକକ ଓଡ଼ିଶୀନୃତ୍ୟ ପରିବେଷଣରେ ମଙ୍ଗଳାଚରଣରୁ ମୋକ୍ଷ ପର୍ଯ୍ୟନ୍ତ ପ୍ରଦର୍ଶନ ରଖିଥିଲେ । ଯୁଗ୍ମ ସମ୍ପାଦିକା ସସ୍ମିତା ପଣ୍ଡା, ସ୍ୱୀକୃତି ଦାସ, ଭାଗ୍ୟଶ୍ରୀ ଆଇଚ, ସ୍ୱପ୍ନା ଦତ୍ତ, ପ୍ରିୟଙ୍କା ଜେନା ଓ ସ୍ୱର୍ଣ୍ଣମୟୀ ବେହେରା ସମଗ୍ର ନୃତ୍ୟସନ୍ଧ୍ୟାର କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ ।